ମିଥିଲେଶ ରାଣୀ ଏବଂ ଅନ୍ୟମାନେ

ବନାମ

ଆଞ୍ଚଳିକ ପରିବହନ ପ୍ରାଧିକରଣ, ଡେରାଡୁନ ଏବଂ ଅନ୍ୟମାନେ

4, ମାର୍ଚ୍ଚ, 1994

[ଏମ୍. ଏମ୍. ପୁଞ୍ଚି ଏବଂ ବି. ପି. ଜିବନ ରେଡ୍ଡି, ନ୍ୟାୟମୂର୍ତ୍ତିଦ୍ୱୟ ]

*ମୋଟର ବାହନ ଅଧିନିୟମ 1988-ଷ୍ଟେଜ ଅନୁମତି ପ୍ରଦାନ-ଆବେଦନ ଗୁଡିକ ବିଚାରଧିନ- ଅନ୍ୟ ଏକ ପ୍ରସଙ୍ଗରେ ନୂତନ ଅନୁମତି ପ୍ରଦାନକୁ ନିଷିଦ୍ଧ କରୁଥିବା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ସ୍ଥଗିତାଦେଶ- ସ୍ଥଗିତାଦେଶ କୌଣସି ପ୍ରକାରେ ଆବେଦନକାରୀଙ୍କୁ ଅନୁମତି ପ୍ରଦାନ କରିବାରେ ବାଧା ସୃଷ୍ଟି କରିଛି କି ନାହିଁ- ନିର୍ଣ୍ଣିତ ଯେ- ନାହିଁ ।*

ଆବେଦନକାରୀମାନେ ମୁଜାଫରନଗରରୁ ଯମୁନା ସେତୁ ମାର୍ଗରେ ସାର୍ବଜନୀନ ବାହନ ଅନୁମତି ପ୍ରଦାନ ପାଇଁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ଉକ୍ତ ଆବେଦନଗୁଡ଼ିକ ବିଚାରାଧୀନ ଥିବାବେଳେ, ଅନ୍ୟ କେତେକ ବ୍ୟକ୍ତି ଆଜ୍ଞାଦେଶ ଆବେଦନ ମାଧ୍ୟମରେ ମୋଟର ବାହନ ଅଧିନିୟମ 1988 ର କିଛି ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଆପତ୍ତି କରିଥିଲେ । ସର୍ବୋଚ୍ଚ ନ୍ୟାୟାଳୟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରି ଆଜ୍ଞାଦେଶ ଆବେଦନରେ ସମ୍ପୃକ୍ତ ବିଭିନ୍ନ ମାର୍ଗରେ ଅନୁମତି ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଆବେଦନ କରାଯାଇଥିବା ମାର୍ଗରେ ଆବେଦନକାରୀମାନଙ୍କୁ ଅନୁମତି ପତ୍ର ମଞ୍ଜୁର କରିଥିଲେ । ପରବର୍ତ୍ତୀ ସମୟରେ, ବିଚାରାଧୀନ ଥିବା ଆଜ୍ଞାଦେଶ ଆବେଦନ ଗୁଡିକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ ।

ଆବେଦନକାରୀଙ୍କ ସପକ୍ଷରେ ଅନୁମତି ପ୍ରଦାନକୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଆପତ୍ତି କରାଯାଇଥିଲା । ନ୍ୟାୟାଳୟ ଦ୍ୱାରା ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରାଯାଇଥିଲା ଯେଉଁଥିରେ ଦର୍ଶାଯାଇଥିଲା ଯେ ଅନୁମତି ପ୍ରଦାନ କରିବା ସମୟରେ ଆଞ୍ଚଳିକ କର୍ତ୍ତୃପକ୍ଷ ସର୍ବୋଚ୍ଚ ନ୍ୟାୟଳୟଙ୍କର ଆଦେଶ ପ୍ରତି ଉପଯୁକ୍ତ ସମ୍ମାନ ଦେଖାଇ ନାହାଁନ୍ତି । ଆବେଦନକାରୀମାନଙ୍କୁ ଦିଆଯାଇଥିବା ଅନୁମତି ପତ୍ରକୁ କର୍ତ୍ତୃପକ୍ଷ ରଦ୍ଦ କରିଦେଇଛନ୍ତି । ଅନୁମତି ରଦ୍ଦ କରିବା ପାଇଁ ପ୍ରଦାନ

କରାଯାଇଥିବା ଆଦେଶ ବିରୋଧରେ, ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନକୁ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଉକ୍ତ ରହିତାଦେଶ ବିରୁଦ୍ଧରେ ଏହି ଆବେଦନ ନିର୍ଦ୍ଦେଶିତ ହୋଇଛି, ଯେଉଁଥିରେ ଯୁକ୍ତି କରାଯାଇଥିଲା ଯେ ଉକ୍ତ ମାର୍ଗରେ ଆବେଦନକାରୀଙ୍କୁ ଅନୁମତି ପତ୍ର ପ୍ରଦାନ କରିବା ଉପରେ ସ୍ଥଗିତାଦେଶ କୌଣସି ପ୍ରକାରେ ପ୍ରଭାବ ପକାଇ ନଥିଲା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ କରାଯାଇଥିବା ଆଜ୍ଞାଦେଶ ଆବେଦନରେ ଥିବା ସମ୍ପୃକ୍ତ ସେହି ମାର୍ଗ ଆବେଦନକାରୀଙ୍କୁ ଅନୁମତି ପତ୍ର ପ୍ରଦାନ କରାଯାଇଥିବା ମାର୍ଗ ଉପରେ କେବଳ ଆଂଶିକ ଭାବରେ ପଡ଼ିଥିଲା ।

ଆବେଦନକୁ ଅନୁମତି ପ୍ରଦାନ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ 1.1 । ଏହି ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ସ୍ଥଗିତାଦେଶ ଉକ୍ତ ମାର୍ଗରେ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିବା ଅନୁମତି ପତ୍ର ଆଦେଶକୁ ବାରଣ କରିନଥିଲା । ଉକ୍ତ ମାର୍ଗଟି ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା କୌଣସିଆଜ୍ଞାଦେଶ ଆବେଦନର ବିଷୟବସ୍ତୁ ନଥିଲା । ଆଜ୍ଞାଦେଶ ଆବେଦନ ରେ ଦର୍ଶିତ "ସହଯୋଗୀ ମାର୍ଗ" ଅଭିବ୍ୟକ୍ତି ସନ୍ଦର୍ଭରେ ଉକ୍ତ ରହିତାଦେଶର ପରିସର ମଧ୍ୟରେ ଏହା ମାର୍ଗକୁ ଆଣିବାକୁ କରାଯାଇଥିବା ପ୍ରୟାସ ବୃଥା ଅଟେ । "ସହଯୋଗୀ ମାର୍ଗ" ଅଭିବ୍ୟକ୍ତି, ସେଥିରେ ସମ୍ପୃକ୍ତ ମାର୍ଗର ସମ୍ପ୍ରସାରଣକୁ ସୂଚିତ କରେ । ଉକ୍ତ ଅଭିବ୍ୟକ୍ତି ଏଠାରେ ସମ୍ପୃକ୍ତ ମାର୍ଗକୁ ବୁଝାଇବ ନାହିଁ । ଏଭଳି ପରିସ୍ଥିତିରେ, ଉକ୍ତ ମାର୍ଗରେ ଆବେଦନକାରୀଙ୍କୁ ଅନୁମତି ପତ୍ର ପ୍ରଦାନ ଉପରେ କୌଣସି ଆପତ୍ତି କରାଯାଇ ପାରି ନଥାନ୍ତା ।

1.2. ଉକ୍ତ ମାର୍ଗର ଯେତେ ଅଂଶ ଏକ ଅଧିସୂଚିତ ମାର୍ଗ ଦ୍ୱାରା ଅତିକ୍ରମ ହୋଇଛି, ଉକ୍ତ ମାର୍ଗରେ କୌଣସି ଅନୁମତି ଦିଆଯାଇପାରିବ ନାହିଁ ବୋଲି ଆବେଦନ ବିଷୟରେ, ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନ୍ୟାୟାଳୟ ଉକ୍ତ ପ୍ରଶ୍ନକୁ ଯିବାକୁ ଅଗ୍ରାହ୍ୟ କରିଦେଇଛନ୍ତି । ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ 1541/1994 ।

ଦେୱାନୀ ବିବିଧ ଆଜ୍ଞାଦେଶ ଆବେଦନ ସଂଖ୍ୟା 4488/1992 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 16.12.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ପି. ଚିଦାମ୍ବରମ, ଏଚ. ପି. ଦୁବେ ଏବଂ ସତୀଶ ଭିର୍ ।

ମିଥିଲେଶ ବନାମ ଟି.ପି.ଟି. ପ୍ରାଧିକରଣ ନ୍ୟାୟାଧୀଶ  ଜିବନ ରେଡ୍ଡୀ

ଉତ୍ତରଦାତାମାନଙ୍କ ପାଇଁ ଜି. ଏଲ. ସାଙ୍ଘୀ, ଶ୍ରୀମତୀ ରାଣୀ ଛାବ୍ରା, ଗୌରବ ଜୈନ ଏବଂ ସୁଶ୍ରୀ ଆଭା ଜୈନ ।

ନ୍ୟାୟାଳୟଙ୍କର  ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ ବି. ପି. ଜିବନ** ରେଡ୍ଡୀ, ଅନୁମତି ପ୍ରଦାନ କରାଗଲା । ପକ୍ଷମାନଙ୍କ ପକ୍ଷରୁ ଓକିଲଙ୍କୁ ଶୁଣାଗଲା ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 4488/1992 କୁ ଖାରଜ କରି ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଦ୍ୱାରା 16, ଡିସେମ୍ବର, 1993 ରେ ପ୍ରଦାନ କରାଯାଇଥିବା ରାୟ ବିରୁଦ୍ଧରେ ଏହି ଆବେଦନ ନିର୍ଦ୍ଦେଶିତ ଅଟେ । ମୋଟର ଯାନ ଅଧିନିୟମ ଅନୁଯାୟୀ ଏହି ମାମଲା ଉତ୍ପନ୍ନ ହୋଇଛି।

ଆବେଦନକାରୀମାନେ ଡେରାଡୁନର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ରାମପୁର ଦେଓବନ୍ଦ-ସିଡକି-ତାପ୍ରି-ସହାରନପୁର ଏବଂ ସରସାୱା ଦେଇ ମୁଜାଫରନଗରରୁ ଯମୁନା ସେତୁ ମାର୍ଗରେ ଷ୍ଟେଜ୍ ଗାଡି ଅନୁମତି ପ୍ରଦାନ ପାଇଁ ଆବେଦନ କରିଥିଲେ । ଉକ୍ତ ଆବେଦନଗୁଡ଼ିକ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଥିବାବେଳେ, ଅନ୍ୟ କେତେକ ବ୍ୟକ୍ତି ମୋଟର ଯାନ ଅଧିନିୟମ 1988 ର କେତେକ ବ୍ୟବସ୍ଥାର ସାମ୍ବିଧାନିକତାକୁ ଏହି ନ୍ୟାୟାଳୟରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନ ମାଧ୍ୟମରେ ଆପତ୍ତି କରିଥିଲେ ।  ଆଜ୍ଞାଦେଶ ଆବେଦନ (ସି) 869/1990 ସେଥି ମଧ୍ୟରୁ ଗୋଟିଏ ଥିଲା ।  ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/1990 ରେ ଆବେଦନକାରୀ ମୁଜାଫରନଗର-ବୁଧାନା-ଖଣ୍ଡୋଲା-ଇସୋପୁର୍ଟିଲ୍  ମାର୍ଗରେ ଯାତାୟାତ କରୁଥିଲେ ।  2, ଫେବୃଆରୀ ,1991 ରେ, ଏହି ନ୍ୟାୟାଳୟ ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 1110/1989 , 869/1990 , 740/1990  ଏବଂ 1100/1990 ରେ ନିମ୍ନଲିଖିତ ପ୍ରଭାବ ପାଇଁ ଏକ ସାଧାରଣ ଆଦେଶ ପାରିତ କରିଥିଲେ:

" ଏହି ଆଜ୍ଞାଦେଶ ଆବେଦନ ଗୁଡିକୁ ଚୂଡ଼ାନ୍ତ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଇଛି । ଗୋଟିଏ ଆଜ୍ଞାଦେଶ ଆବେଦନରେ ନିୟମ ଜାରି ହୋଇସାରିଛି । କିନ୍ତୁ ଅନ୍ୟଗୁଡିକ ଏବେ ବି ପ୍ରବେଶ ପର୍ଯ୍ୟାୟରେ ଅଛନ୍ତି ।

ଅନ୍ୟ ଆଜ୍ଞାଦେଶ ଆବେଦନ ସହିତ ଶୁଣାଣି ପାଇଁ ମୁଖ୍ୟ ମାମଲାକୁ ନିୟମିତ ତାଲିକାରେ ତୃତୀୟ ବିଷୟ ଭାବରେ ତାଲିକାଭୁକ୍ତ କରାଯାଉ ।

ଏହା ଆଜ୍ଞାଦେଶ ଆବେଦନ ଗୁଡିକର ଶୁଣାଣି ଏବଂ ସମାଧାନକୁ ବିଚାରଧିନ କରି, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏହି ଆଜ୍ଞାଦେଶ ଆବେଦନରେ ସମ୍ପୃକ୍ତ ବିଭିନ୍ନ ମାର୍ଗରେ ଅନୁମତି ପାଇଁ ଅନ୍ୟ କୌଣସି ଆବେଦନ ଉପରେ ବିଚାର କରିବାକୁ ହକଦାର ହେବେ ଏବଂ ଏହି ନ୍ୟାୟାଳୟଙ୍କର ନିର୍ଦ୍ଦେଶ ପ୍ରାପ୍ତ ନକରି, ପ୍ରକୃତରେ କୌଣସି ଅନୁମତି ଜାରି କରାଯିବ ନାହିଁ ।

11, ଫେବୃଆରୀ, 1991 ରେ ଏହାର କାର୍ଯ୍ୟାନୁଷ୍ଠାନ ଦ୍ୱାରା, ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଉକ୍ତ ମାର୍ଗରେ ଆବେଦନକାରୀଙ୍କୁ ଅନୁମତି ପତ୍ର ମଞ୍ଜୁର କରିଥିଲେ । 13, ଫେବୃଆରୀ ,1991 ରେ, ପ୍ରକୃତରେ ଅନୁମତି ପତ୍ର ଜାରି କରାଯାଇଥିଲା ଏବଂ ଆବେଦନକାରୀମାନେ କହିଛନ୍ତି ଯେ ସେମାନେ ଯାତାୟାତ ଆରମ୍ଭ କରିଥିଲେ ।

ଏହି ନ୍ୟାୟାଳୟଙ୍କର 7, ଫେବୃଆରୀ, 1991ର ଅନ୍ତରୀଣ ଆଦେଶ ଦ୍ୱାରା ପ୍ରଭାବିତ କେତେକ ପକ୍ଷ 1990ର ଆଜ୍ଞାଦେଶ ଆବେଦନ ସଂଖ୍ୟା (ସି) 869/1990ରେ ନିଜକୁ ଉତ୍ତରଦାତା ଭାବରେ ପକ୍ଷଭୁକ୍ତ କରିବାକୁ ଏବଂ ଉକ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ସଂଶୋଧନ ପାଇଁ ଆବେଦନ କରିଥିଲେ । ସେହି ଆବେଦନ ଉପରେ, ଏହି ନ୍ୟାୟାଳୟ ପୂର୍ବ ଆଦେଶର ସ୍ପଷ୍ଟୀକରଣ ମାଧ୍ୟମରେ ନିମ୍ନଲିଖିତ ଆଦେଶ ପାରିତ କରିଥିଲେ । ଆଦେଶଟି ନିମ୍ନରେ ଦିଆଗଲା:

" ଆଜ୍ଞାଦେଶ ଆବେଦନରେ, ଆବେଦନକାରୀମାନଙ୍କୁ ପକ୍ଷ ଭାବରେ ଅନ୍ତର୍ଭୁକ୍ତ କରିବାକୁ ଅନୁମତି ଦିଆଯାଇଛି । ଶିରୋନାମା ଶୀର୍ଷକ ସେହି ଅନୁଯାୟୀ ସଂଶୋଧନ କରାଯାଇପାରେ ।

ଯେତେଦୂର ଆବେଦନଗୁଡ଼ିକର ନିର୍ଦ୍ଦେଶ ସମ୍ବନ୍ଧୀୟ ଅଂଶ ଗୁଡିକ ଜଡ଼ିତ, ଆମକୁ ଅବଗତ କରାଯାଇଛି ଯେ 7.2.91 ତାରିଖର ଆମର ଆଦେଶ, 7.2.91 ପୂର୍ବରୁ ଅନୁମତି ପାଇଁ ଦାଖଲ ହୋଇଥିବା ଆବେଦନ ଏବଂ ପ୍ରଦାନ କରାଯାଇଥିବା ଅନୁମତି ଗୁଡିକୁ ଅଗ୍ରାହ୍ୟ କରେ ବୋଲି ବିବେଚନା କରାଯାଉଛି । ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁ ଯେ 7.2.91 ତାରିଖର ଆମର ଆଦେଶ, କେବଳ 7.2.91 ରେ କିମ୍ବା ଏହାପରେ ନୂତନ ଅନୁମତି ଆଦେଶକୁ ରୋକିବା ପାଇଁ

ଉଦ୍ଦିଷ୍ଟ କରାଯାଇଥିଲା । ଆମର ଆଦେଶକୁ ଅନ୍ୟ ପ୍ରସଙ୍ଗରେ ଅନୁମତି ଆଦେଶର ପ୍ରତିବନ୍ଧକ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ ।

ମୁଖ୍ୟ ଆଜ୍ଞାଦେଶ ଆବେଦନ 2 ଏପ୍ରିଲ, 1991 ରେ ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଛି ।

ନଭେମ୍ବର 22,1991 ରେ, ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/1990 ସମେତ ଚାରୋଟି ଆଜ୍ଞାଦେଶ ଆବେଦନ ଏହି  ନ୍ୟାୟାଳୟ ଦ୍ୱାରା ଖାରଜ କରାଯାଇଥିଲା ।

ଏହି ସମୟରେ, ଏହି ଆବେଦନରେ ତୃତୀୟ ଉତ୍ତରଦାତା ଥିବା ଶ୍ରୀ ଆବାଦ ହୁସେନ୍ ପିତା- ମହମ୍ମଦ ଜାଫର ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରି ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା 11, ଫେବୃଆରୀ,1991 ରେ ଏହାର କାର୍ଯ୍ୟାନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁମତି ପ୍ରଦାନକୁ ପ୍ରଶ୍ନ କରିଥିଲେ । ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଗ୍ରହଣ କରିଥିଲେ ଏବଂ 25, ଫେବୃଆରୀ, 1991 ରେ ନିମ୍ନଲିଖିତ ପ୍ରଭାବ ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ପାରିତ କରିଥିଲେ: "ଇତି ମଧ୍ୟରେ, ଉତ୍ତରଦାତାମାନେ 11 ଫେବୃଆରୀ, 1991 ତାରିଖର ପ୍ରସ୍ତାବ ଅନୁସରଣରେ 25 ମାର୍ଚ୍ଚ, 1991 ପର୍ଯ୍ୟନ୍ତ ପ୍ରଶ୍ନାଧୀନ ମାର୍ଗରେ ଯାତାୟାତ କରିବେ ନାହିଁ ଯଦି ପୂର୍ବରୁ ପ୍ରତ୍ୟାହୃତ କରାଯାଇନଥାଏ । 26, ମାର୍ଚ୍ଚ,1991 ରେ, ଉଚ୍ଚ ନ୍ୟାୟାଳୟ 25, ଫେବୃଆରୀ, 1991 ର ପୂର୍ବ ଆଦେଶକୁ ନିଶ୍ଚିତ କରି ଆଉ ଏକ ଆଦେଶ ପ୍ରଦାନ କରିଥିଲେ ଏବଂ ଏହିପରି ମନ୍ତବ୍ୟ ଦେଇଥିଲେ:"ଆମେ ସନ୍ତୁଷ୍ଟ ଯେ ଡେରାଡୁନ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ, ଉତ୍ତରଦାତା ସଂଖ୍ୟା 2 ରୁ 28ଙ୍କୁ ଅନୁମତି ପ୍ରଦାନ କରିବା ସମୟରେ, ଆଜ୍ଞାଦେଶ ଆବେଦନ (ଦେୱାନୀ) No.740/1990 ରେ ସର୍ବୋଚ୍ଚ ନ୍ୟାୟଳୟଙ୍କର 7 ଫେବୃଆରୀ, 1991 ରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶକୁ ଉପଯୁକ୍ତ ସମ୍ମାନ ଦେଖାଇ ନାହାଁନ୍ତି । ଏହି ପରିସ୍ଥିତିରେ, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଏହି ନ୍ୟାୟାଳୟ ଦ୍ୱାରା ପୂର୍ବରୁ ପାରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ବଳବତ୍ତର ରହିବ ।  ତଥାପି, ଆମେ ଏହା ସ୍ପଷ୍ଟ କରୁଛୁ ଯେ 7 ଫେବୃଆରୀ, 1991 ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ପ୍ରଭାବଶୂନ୍ୟ କିମ୍ବା ସଂଶୋଧିତ ହେଲେ, ଏହି ନ୍ୟାୟାଳୟ ଦ୍ୱାରା ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶ କାର୍ଯ୍ୟକାରୀ ହେବ ନାହିଁ । (ଆଦେଶେ ଉଲ୍ଲେଖ କରାଯାଇଥିବା 2 ରୁ 28 ପର୍ଯ୍ୟନ୍ତ ବାଦୀମାନେ ଏଠାରେ ଆବେଦନକାରୀ ଅଟନ୍ତି।)

ନଭେମ୍ବର 22,1991 ରେ ଏହି ନ୍ୟାୟାଳୟ ଦ୍ୱାରା ଆଜ୍ଞାଦେଶ ଆବେଦନ (ସି) No.869 /1990  ଏବଂ ଅନ୍ୟ ଆବେଦନ ଗୁଡିକ ଖାରଜ ହେବା ପରେ, ଆବେଦନକାରୀମାନେ ଆଞ୍ଚଳିକ

ପରିବହନ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଥିଲେ ଏବଂ ସେମାନଙ୍କୁ ପୂର୍ବରୁ ଦିଆଯାଇଥିବା ଅନୁମତି ପତ୍ର ଅନୁଯାୟୀ ଯାତାୟାତ କରିବାକୁ ଅନୁମତି ମାଗିଥିଲେ । ସେମାନେ ନିବେଦନ କରିଥିଲେ ଯେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନ ଗୁଡିକୁ ଖାରଜ କରିବା ବିଷୟକୁ ଦୃଷ୍ଟିରେ ରଖି, ସେମାନଙ୍କୁ ଯାତାୟାତ କରିବାକୁ ଅନୁମତି ନଦେବାର କୌଣସି କାରଣ ନାହିଁ । ଉକ୍ତ ଆବେଦନ ଆଧାରରେ,ଏହା ପ୍ରତୀୟମାନ ଯେ ଆଞ୍ଚଳିକ ପରିବହନ ପ୍ରାଧିକରଣ (ପରିବହନ କମିଶନର) ର ଅଧକ୍ଷଙ୍କ କାର୍ଯ୍ୟାଳୟ ଦ୍ୱାରା ଏକ ଟିପ୍ପଣୀ ଅଧକ୍ଷଙ୍କ ନିକଟରେ ରଖାଯାଇଥିଲା, ଯିଏକି ଡିସେମ୍ବର 19,1991 ରେ ତାଙ୍କ ଆଦେଶ ଦ୍ୱାରା ଆବେଦନକାରୀଙ୍କୁ ଦିଆଯାଇଥିବା ଅନୁମତି ରଦ୍ଦ କରିଥିଲେ । ସେମାନଙ୍କ ଅନୁମତି ରଦ୍ଦ କରୁଥିବା ଆଦେଶ ବିରୁଦ୍ଧରେ, ଆବେଦନକାରୀମାନେ ଦେୱାନୀ ଆବେଦନ ସଂଖ୍ୟା 4488/1992 ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଯାହାକୁ 16, ଡିସେମ୍ବର ,1993 ତାରିଖରେ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ପ୍ରଦତ୍ତ ନିର୍ଦ୍ଦେଶ ଦ୍ୱାରା ଖାରଜ କରାଯାଇଛି । ଉକ୍ତ ଆଦେଶ ବିରୁଦ୍ଧରେ ଏହି ଆବେଦନ ନିର୍ଦ୍ଦେଶିତ ହୋଇଛି ।

ଆବେଦନକାରୀଙ୍କ ଓକିଲ ଶ୍ରୀ ପି. ଚିଦାମ୍ବରମ କହିଥିଲେ ଯେ ଉକ୍ତ ମାର୍ଗରେ ଆବେଦନକାରୀମାନଙ୍କୁ ଅନୁମତି ପ୍ରଦାନ କରିବା, ଏହି ନ୍ୟାୟାଳୟଙ୍କ ଦ୍ୱାରା 7 ଫେବୃଆରୀ, 1991ରେ ଦିଆଯାଇଥିବା ସ୍ଥଗିତାଦେଶ ଦ୍ୱାରା କୌଣସି ପ୍ରକାରେ ପ୍ରଭାବିତ ହୋଇନାହିଁ । ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା ଉପରୋକ୍ତ ଚାରୋଟି ଆଜ୍ଞାଦେଶ ଆବେଦନ ମଧ୍ୟରୁ କୌଣସିଟି ଉକ୍ତ ମାର୍ଗ ସହିତ ଜଡିତ ନୁହେଁ । ଆବେଦନକାରୀଙ୍କ ମାର୍ଗକୁ ସବୁଠାରୁ ନିକଟତର ଯାହା ଆସିଥିଲା ତାହା ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/1990 ସହିତ ସମ୍ପୃକ୍ତ । କିନ୍ତୁ ତଥାପି ଯେଉଁ ମାର୍ଗରେ ଆବେଦନକାରୀଙ୍କୁ ଅନୁମତି ଦିଆଯାଇଥିଲା, ସେହି ମାର୍ଗ କେବଳ ଆଂଶିକ ଭାବେ ଅତିକ୍ରମ କରୁଥିଲା । ଓକିଲ ଆହୁରି ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଏହି ନ୍ୟାୟାଳୟଙ୍କର 7, ଫେବୃଆରୀ, 1991 ତାରିଖର ଆଦେଶ କେବଳ ଅନୁମତି ପତ୍ର ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଛି, କିନ୍ତୁ ଏହାର ଅନୁଦାନ ଉପରେ ନୁହେଁ । ବାସ୍ତବରେ, ଏହି ନ୍ୟାୟାଳୟ ଦ୍ୱାରା 14, ମାର୍ଚ୍ଚ ,1991 ରେ ଦିଆଯାଇଥିବା ସ୍ପଷ୍ଟୀକରଣ ଆଦେଶରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଅନ୍ୟ ମାର୍ଗ ପାଇଁ ଅନୁମତି ଅର୍ଥାତ୍ ସେହି ସବୁ ମାର୍ଗ ଯେଉଁଗୁଡିକ ଆଜ୍ଞାଦେଶ ଆବେଦନ (ଦେୱାନୀ ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/90) ଦ୍ୱାରା ସଂଶ୍ଳିଷ୍ଟ ନୁହନ୍ତି ନିଷିଦ୍ଧ କରାଯାଇ ନଥିଲା । ଯାହା ବି ହେଉ, ଉକ୍ତ ଆଜ୍ଞାଦେଶ ଆବେଦନ ଗୁଡିକ 22, ନଭେମ୍ବର ,1991ରେ ଖାରଜ କରିଦିଆଯାଇଛି । ଯଦି ହଁ, ତେବେ ଆବେଦନକାରୀଙ୍କ ଅନୁମତି ଏହି ଆଧାରରେ ରଦ୍ଦ କରିବା

ବିଷୟ ଯେ ଏହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ସ୍ଥଗିତାଦେଶର ଉଲ୍ଲଂଘନ ଥିଲା, ତାହା ଆଇନତଃ ସ୍ଥାୟୀ ନୁହେଁ । ଶ୍ରୀ ଚିଦାମ୍ବରମ ଆହୁରି କହିଥିଲେ ଯେ 19, ଡିସେମ୍ବର,1991ର ବାତିଲ ଆଦେଶ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ହୋଇନଥିଲା, ବରଂ କେବଳ କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ଦ୍ୱାରା ପାରିତ ହୋଇଥିଲା । କାର୍ଯ୍ୟ କରୁଥିବା ଅଧକ୍ଷ, ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଆଦେଶର ସମୀକ୍ଷା କିମ୍ବା ବାତିଲ କରିବାର ଅଧିକାରୀ ନୁହଁନ୍ତି, ବରଂ ଆବେଦନକାରୀଙ୍କୁ କୌଣସି ନୋଟିସ୍ ନଦେଇ ଉକ୍ତ ଆଦେଶ ପାରିତ କରାଯାଇଥିଲା । ଆବେଦନକାରୀମାନେ ଏହି ମାର୍ଗରେ ଯାତାୟାତ କରିବା ପାଇଁ ଅନୁମତି ମାଗିବାକୁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇଥିଲେ; ସେମାନଙ୍କୁ ଏପରି ଅନୁମତି ଦିଆଯାଇ ନଥିଲା କେବଳ ତାହା ନୁହେଁ, ବରଂ ସେମାନଙ୍କୁ ପୂର୍ବରୁ ଦିଆଯାଇଥିବା ଅନୁମତି ରଦ୍ଦ କରାଯାଇଥିଲା। ତେଣୁ ଗ୍ରହଣ କରାଯାଇଥିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍ୟାୟ ଏବଂ ପ୍ରାକୃତିକ ନ୍ୟାୟର ନୀତି ବିରୁଦ୍ଧରେ ବୋଲି ଓକିଲ କହିଛନ୍ତି ।

ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ଜି. ଏଲ. ସାଙ୍ଘୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଯଥାର୍ଥ ବୋଲି ଦର୍ଶାଇ ଥିଲେ ଏବଂ ଏହାକୁ ସମର୍ଥନ କରିଥିଲେ । ଓକିଲ ଦାଖଲ କରିଥିଲେ ଯେ 7, ଫେବୃଆରୀ,1991 ରେ ଏହି ନ୍ୟାୟାଳୟ ଦ୍ୱାରା ମଞ୍ଜୁର ହୋଇଥିବା ସ୍ଥଗିତାଦେଶ, ଅନୁମତି ପ୍ରଦାନକୁ ପ୍ରତିବାନ୍ଧିତ କରିବା ସହିତ "ଏହି ଆଜ୍ଞାଦେଶ ଅବେଦନରେ ସମ୍ପୃକ୍ତ ବିଭିନ୍ନ ମାର୍ଗରେ" ଅନୁମତି ପାଇଁ ଆଉ କୌଣସି ଆବେଦନ ଉପରେ ବିଚାର କରିବାକୁ ନିଷେଧ କରିଛି । ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/1990 କେବଳ ମୁଜାଫରନଗର-ବୁଧାନା-ଖଣ୍ଡୋଲା-ଇସୋପୁର୍ଟିଲ ମାର୍ଗ ସହିତ ଜଡିତ ନୁହେଁ ବରଂ "ସହଯୋଗୀ ମାର୍ଗ" ସହିତ ମଧ୍ୟ ଜଡିତ । ଉକ୍ତ ଆଜ୍ଞାଦେଶ ଆବେଦନରେ ଆବେଦନକାରୀ ଉକ୍ତ ଆଜ୍ଞାଦେଶ ଆବେଦନରେ ସମ୍ପୃକ୍ତ ମାର୍ଗକୁ ନିମ୍ନଲିଖିତ ଶବ୍ଦରେ ବର୍ଣ୍ଣନା କରିଛନ୍ତି:"ମୁଜାଫରନଗର-ବୁଧାନା-ଖଣ୍ଡୋଲା-ଇସୋପୁର୍ଟିଲ ଏବଂ ଆନୁସଙ୍ଗିକ ମାର୍ଗ (ଏହା ପରେ ସମ୍ପ୍ରସାରିତ ମାର୍ଗ ବୋଲି କୁହାଯାଏ, ସମ୍ପ୍ରସାରଣକୁ ବୁଝିବା ପରେ ଏହାକୁ ମାର୍ଗ ବୋଲି କୁହାଯାଏ) । ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଆଦେଶକୁ ଉକ୍ତ ବର୍ଣ୍ଣନାର ପରିପାଠୀରେ ବୁଝିବା ଉଚିତ ଏବଂ ଯଦି ଏହା ବୁଝଯାଏ, ତେବେ ଏହା ସେହି ମାର୍ଗକୁ ବୁଝାଏ ଯାହା ଉପରେ ଆବେଦନକାରୀଙ୍କୁ ଅନୁମତି ପତ୍ର ଦିଆଯାଇଥିଲା । ତେଣୁ, 11, ଫେବୃଆରୀ, 1991 ରେ ପ୍ରଦାନ କରାଯାଇଥିବା ଅନୁମତି ଆଦେଶ, ସ୍ପଷ୍ଟ ଭାବରେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା

ଆଦେଶର ପରିପନ୍ଥୀ ଥିଲା । ଯଦି ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି ସନ୍ଦେହ ଥିଲା, ତେବେ ଅନୁମତି ପ୍ରଦାନ କରିବା ପରିବର୍ତ୍ତେ ଏହି ନ୍ୟାୟାଳୟରୁ ସ୍ପଷ୍ଟୀକରଣ ମାଗିବା ଉଚିତ୍ ଥିଲା । ବାସ୍ତବରେ, ମାର୍ଚ୍ଚ 14,1991 ରେ, ଏହି ନ୍ୟାୟାଳୟ ଉଭୟ ଅନୁମୋଦନ ଏବଂ ନୂତନ ଅନୁମତି ପତ୍ର ପ୍ରଦାନ ଉପରେ ପ୍ରତିବନ୍ଧକ ଲଗାଇଥିଲେ । 22, ନଭେମ୍ବର, 1991 ରେ ଆଜ୍ଞାଦେଶ ଆବେଦନର ଖାରଜ କୌଣସି ପ୍ରକାରେ ଏକ ଅବୈଧ ଏବଂ ବେଆଇନ କାର୍ଯ୍ୟକୁ ବୈଧ କରେ ନାହିଁ । ଓକିଲ ଆଉ ଏକ ଯୁକ୍ତି ଉଠାଇଥିଲେ, ଯଥା, ଉକ୍ତ ମାର୍ଗର ଏକ ଅଂଶ (ଯେଉଁଥିରେ ଆବେଦନକାରୀମାନଙ୍କୁ ଅନୁମତି ପ୍ରଦାନ କରାଯାଇଛି) ତାହା ଏକ ଅଧିସୂଚିତ ମାର୍ଗ ଦ୍ୱାରା ଅତିକ୍ରମ ହୋଇଛି । (ସେ ଏକ ମାର୍ଗ-ମାନଚିତ୍ର ଦାଖଲ କରିଛନ୍ତି ଯାହା ଅନୁଯାୟୀ ଉକ୍ତ ମାର୍ଗର ମୁଜାଫରନଗରରୁ ଯମୁନା ସେତୁ ପର୍ଯ୍ୟନ୍ତ ଏକ ଅଂଶ ଅଧିସୂଚିତ ମାର୍ଗକୁ ଅତିକ୍ରମ କରେ ) । ଓକିଲ, ଆଦର୍ଶ ଟ୍ରାଭେଲ୍ସ ବସ୍ ସେବା ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ , [1985] 4 ଏସ୍.ସି.ସି. 557 ମାମଲାରେ ଏହି ନ୍ୟାୟଳୟଙ୍କର ସମ୍ବିଧାନ ଖଣ୍ଡପୀଠଙ୍କ ନିଷ୍ପତ୍ତି ଉପରେ ଦୃଢ଼ ନିର୍ଭର କରି ଯୁକ୍ତି ଦର୍ଶାଇଥିଲେ ଯେ ଏପରି ଅନୁମୋଦନ ଆଦୌ ଗ୍ରହଣୀୟ ନୁହେଁ । ଓକିଲ ଦର୍ଶାଇଥିଲେ ଏହା 19, ଡିସେମ୍ବର, 1991 ତାରିଖର ଆଦେଶରେ ନିଆଯାଇଥିବା ଆଧାରଗୁଡ଼ିକ ମଧ୍ୟରୁ ଏକ ଅଟେ ଯାହାଦ୍ୱାରା ଆବେଦନକାରୀମାନଙ୍କୁ ଦିଆଯାଇଥିବା ଅନୁମତି ପତ୍ରକୁ ରଦ୍ଦ କରିଦିଆଯାଇଥିଲା । *ଓକିଲ କହିଛନ୍ତି ଯେ ଡିସେମ୍ବର 19,1991 ର ଆଦେଶ ବୈଧ ଆଦେଶ ଥିଲା, ଏବଂ ଆବେଦନକାରୀଙ୍କୁ କୌଣସି ନୋଟିସ୍* ପ୍ରଦାନ କରାଯିବ ଆବଶ୍ୟକ ନଥିଲା କାରଣ ଏହା ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ପାରିତ ଏକ ଆଦେଶ ଥିଲା । ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ସମ୍ପାଦକଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିବା ପରେ ଅଧ୍ୟକ୍ଷଙ୍କ ଦ୍ୱାରା ଉକ୍ତ ଆଦେଶ ପାରିତ ହୋଇଥିଲା ଏବଂ ଏହାକୁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ଆଦେଶ ଭାବରେ ବିବେଚନା କରାଯିବା ଉଚିତ୍ ।

ଆମର ମତ ହେଉଛି ଯେ ଏହି ନ୍ୟାୟାଳୟ ଦ୍ୱାରା 7, ଫେବୃଆରୀ, 1991 ରେ ଦିଆଯାଇଥିବା ସ୍ଥଗିତାଦେଶ ଉକ୍ତ ମାର୍ଗରେ ଯାହା ଉପରେ ଆବେଦନକାରୀଙ୍କୁ ଅନୁମତି ଦିଆଯାଇଥିଲା, ତାହାର ଅନୁମତି ପ୍ରଦାନକୁ ବାରଣ କରିନଥିଲା । ଉକ୍ତ ମାର୍ଗଟି ଏହି ନ୍ୟାୟାଳୟରେ ଦାଖଲ ହୋଇଥିବା କୌଣସି ଆଜ୍ଞାଦେଶ ଆବେଦନର ବିଷୟବସ୍ତୁ ନଥିଲା । ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 869/1990 ଦର୍ଶା ଯାଇଥିବା "ସହଯୋଗୀ ମାର୍ଗ" ଅଭିବ୍ୟକ୍ତି ସନ୍ଦର୍ଭରେ ଉକ୍ତ ରହିତାଦେଶର ପରିସର ମଧ୍ୟରେ ଏହି ମାର୍ଗକୁ ଆଣିବାକୁ ପ୍ରୟାସ, ଆମ ମତରେ ନିରର୍ଥକ

ଅଟେ । ଆମେ ମୂଳ ଆଜ୍ଞାଦେଶ ଆବେଦନ ଏକ ନକଲକୁ ଅନୁଧ୍ୟାନ କରିଛୁ । ଆଜ୍ଞାଦେଶ ଆବେଦନର ଅନୁଚ୍ଛେଦ (1) ନିମ୍ନରେ ଦିଆଗଲା:

" ଏହିକି ଯେ ଅବେଦନକାରି ଭାରତର ଜଣେ ନାଗରିକ ଏବଂ ଭାରତରେ ବସବାସ କରୁଛନ୍ତି । ମିରଟ ଅଞ୍ଚଳରେ ଏକ ମାର୍ଗ ଅଛି ଯାହା ମୁଜାଫରନଗର ବୁଢାନା-ଖଣ୍ଡୋଲା-ଇଶୋପୋର୍ଟିଲ ଏବଂ ସହଯୋଗୀ ମାର୍ଗ (ଏହା ପରେ ବର୍ଦ୍ଧିତ ମାର୍ଗ ଭାବରେ ଜଣାଶୁଣା) ଯାହା ମିରଟର ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷ ଅଞ୍ଚଳ (ଏହା ପରେ ଆର ଟି ଏ ଭାବରେ ଜଣାଶୁଣା) ର ଅଧିକରିତା କ୍ଷେତ୍ର ମଧ୍ୟରେ ସାର୍ବଜନୀନ ବାହନ ଚଳାଇବା ପାଇଁ ସମ୍ପ୍ରସାରଣ (ଏହା ପରେ ମାର୍ଗ ଭାବରେ ଜଣାଶୁଣା) କୁ ବୁଝାଏ । ଆବେଦନକାରୀ ଏହି ମାର୍ଗରେ ଏକ ସ୍ଥାୟୀ ସାର୍ବଜନୀନ ବାହନ ଅନୁମତି ରଖିଛନ୍ତି ଏବଂ ଅନୁମତି ପତ୍ରର ସର୍ତ୍ତ ଅନୁଯାୟୀ ତାଙ୍କ ସାର୍ବଜନୀନ ବାହନ ଚଳାଉଛନ୍ତି । 80 କି. ମି. ସମ୍ପ୍ରସାରଣ ସାହିତ ଏହି ମାର୍ଗର ଦୈର୍ଘ୍ୟ 62 କି. ମି. ଏବଂ ଏହି ମାର୍ଗରେ 84ଟି ବସ୍ ପର୍ଯ୍ୟାୟକ୍ରମେ ଯାତାୟାତ କରୁଥିଲା । 1983 ମସିହାରେ ଏହାର କ୍ଷମତା ବୃଦ୍ଧି କରାଯାଇଥିଲା ।

ଉକ୍ତ ଅନୁଚ୍ଛେଦଟିକୁ ଅନୁଧ୍ୟାନ କଲେ ଜଣାପଡ଼ିବ ଯେ "ଆନୁସଙ୍ଗିକ ମାର୍ଗ" ଅଭିବ୍ୟକ୍ତିଟି ସମ୍ପୃକ୍ତ ମାର୍ଗର ସମ୍ପ୍ରସାରଣକୁ ସୂଚାଇଥାଏ । ଉକ୍ତ ଅଭିବ୍ୟକ୍ତିଟି ଏଠାରେ ଥିବା ସମ୍ପୃକ୍ତ ବିଷୟ ନୁହେଁ । ଉକ୍ତ ଆଜ୍ଞାଦେଶ ଆବେଦନ ରେ କୌଣସି ମାର୍ଗ-ମାନଚିତ୍ର ମଧ୍ୟ ଦାଖଲ କରାଯାଇ ନାହିଁ ଯେଉଁଥିରୁ ଏହା କୁହାଯାଇପାରିବ ଯେ ଉକ୍ତ ଆଜ୍ଞାଦେଶ ଆବେଦନ ରେ ଉଲ୍ଲିଖିତ "ସହଯୋଗୀ ମାର୍ଗ" ରେ ଏଠାରେ ପ୍ରଶ୍ନ କରାଯାଇଥିବା ମାର୍ଗ ଅନ୍ତର୍ଭୁକ୍ତ ଅଟେ । ତେଣୁ, ଏହି ନ୍ୟାୟାଳୟଙ୍କର 7, ଫେବୃଆରୀ, 1991 ଏବଂ 14, ମାର୍ଚ୍ଚ, 1991ର ଉଭୟ ଆଦେଶ ଉକ୍ତ ମାର୍ଗ ସହ ସମ୍ବନ୍ଧିତ ନଥିଲା । ଏଭଳି ପରିସ୍ଥିତିରେ ଉକ୍ତ ମାର୍ଗରେ ଆବେଦନକାରୀମାନଙ୍କୁ ଅନୁମତି ପ୍ରଦାନ ଉପରେ କୌଣସି ଆପତ୍ତି କରାଯାଇ ନପାରେ । ଉକ୍ତ ଅନୁମତି ପ୍ରଦାନକୁ, ଉକ୍ତ ଆଦେଶର ଉଲ୍ଲଙ୍ଘନ ବୋଲି ଉଚ୍ଚ ନ୍ୟାୟାଳୟ ରାୟ ଦେବାରେ ତ୍ରୁଟି କରିଥିଲେ । ବାସ୍ତବରେ, ଏହା ଏତେ ସ୍ପଷ୍ଟ ଭାବରେ ପ୍ରକାଶ କରି ନଥାଏ । ଏଥିରେ କେବଳ ଏତିକି ବୁଝାପଡ଼େ ଯେ ଉକ୍ତ ଅନୁମୋଦନ ଏହି ନ୍ୟାୟାଳୟଙ୍କର ଆଦେଶକୁ ଉପଯୁକ୍ତ ସମ୍ମାନ ପ୍ରଦାନ ନକରି ଦିଆଯାଇଥିଲା । ଉକ୍ତ ଅନୁମୋଦନ ଏହି ନ୍ୟାୟାଳୟଙ୍କର ଆଦେଶର ବିରୋଧୀ କି ନୁହେଁ ତାହା ନିର୍ଦ୍ଧାରଣ କରିବା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଅଧିକ ଉପଯୁକ୍ତ ଉପାୟ ଥିଲା। ଯଦି ଏହା, ଏହି ନ୍ୟାୟାଳୟଙ୍କର ଆଦେଶର ଉଲ୍ଲଙ୍ଘନ ହୋଇନଥାନ୍ତା, ତେବେ ଅନୁମୋଦନକୁ ମନ୍ଦ ବୋଲି ବିବେଚନା କରାଯାଇ ନଥାନ୍ତା । ଯାହା ହେଉନା କାହିଁକି, ଆମର ମତ

ହେଉଛି ଯେ ଏହି ନ୍ୟାୟାଳୟ ଦ୍ୱାରା କରାଯାଇଥିବା ସ୍ଥଗିତାଦେଶ ଏବଂ ଏହାକୁ ପରେ ସ୍ପଷ୍ଟ କରାଯାଇଥିବା ଯେ ଏହି ଆଦେଶ ଉକ୍ତ ମାର୍ଗରେ ଆବେଦନକାରୀଙ୍କୁ ଅନୁମତି ପତ୍ର ପ୍ରଦାନ କରିବାରେ କୌଣସି ପ୍ରକାରେ ବାଧା ସୃଷ୍ଟି କରିନଥିଲା। ଏହା ମଧ୍ୟ ଧ୍ୟାନ ଦେବା ପ୍ରାସଙ୍ଗିକ ଯେ ଏହି ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା 22, ନଭେମ୍ବର ,1991 ରେ ଆଜ୍ଞାଦେଶ ଆବେଦନକୁ ଖାରଜ କରାଯାଇଥିଲା ଏବଂ ଏହାର ପ୍ରାୟ ଏକ ମାସ ପରେ ବାତିଲ କାର୍ଯ୍ୟକାରୀ ହେଲା ।

ଆମର ଉପରୋକ୍ତ ମତକୁ ଦୃଷ୍ଟିରେ ରଖି, ଶ୍ରୀ ଚିଦାମ୍ବରମଙ୍କ ଦ୍ୱାରା ଉଠାଯାଇଥିବା ଅନ୍ୟ କାରଣକୁ ଯିବାର ଆବଶ୍ୟକତା ନାହିଁ ।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଶ୍ରୀ ସାଙ୍ଘୀ, ଆଦର୍ଶ ଟ୍ରାଭେଲ୍ସ ମାମଲାରେ ଏହି ନ୍ୟାୟାଳୟଙ୍କର ନିର୍ଣ୍ଣୟ ଉପରେ ଦୃଢ଼ ନିର୍ଭରଶୀଳତା ରଖିଥିଲେ । ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଯେହେତୁ ଉକ୍ତ ମାର୍ଗର ଏକ ଅଂଶ ଏକ ବିଜ୍ଞାପିତ ମାର୍ଗ ଦ୍ୱାରା ଅତିକ୍ରମ ହୋଇଛି, ଉକ୍ତ ମାର୍ଗରେ କୌଣସି ଅନୁମତି ପତ୍ର ଦିଆଯାଇପାରିବ ନାହିଁ । ପ୍ରାରମ୍ଭରେ ଏହା ଲକ୍ଷ୍ୟ କରାଯାଇପାରେ ଯେ ଆବେଦନରେ ପ୍ରଦାନ କରାଯାଇଥିବା ଆଦେଶରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହି ଦିଗକୁ ବିଚାର କରାଯାଇନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧକ୍ଷ 19, ଡିସେମ୍ବର 1991 ରେ ତାଙ୍କ ଆଦେଶରେ ଏହି ଦିଗ ବିଷୟରେ ଉଲ୍ଲେଖ କରିଛନ୍ତି କିନ୍ତୁ ସମ୍ପୂର୍ଣ୍ଣ ଭାବରେ ନୁହେଁ । ଡ୍ରାଫ୍ଟ ଯୋଜନାର ଅନୁମୋଦିତ ଯୋଜନାର କୌଣସି ନକଲ, ଯଦି କିଛି ଥାଏ, ଆମ ସମ୍ମୁଖରେ ପ୍ରସ୍ତୁତ କରାଯାଇନାହିଁ । ଯୋଜନା (ଗୁଡ଼ିକ) ର ସର୍ତ୍ତାବଳୀ କ "ଣ ଆମେ ଜାଣିନାହୁଁ ।

ଆମେ ଜାଣିନାହୁଁ ଯେ ଏହି ଯୋଜନା ଘରୋଇ ଅପରେଟରମାନଙ୍କୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ବାଦ ଦେଇଥାଏ । ଅନ୍ୟ ଏକ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତି ହେଉଛି ଯେ ରାଜ୍ୟ ପରିବହନ ସଂସ୍ଥା ଆବେଦନକାରୀଙ୍କୁ ଅନୁମତି ପତ୍ର ପ୍ରଦାନକୁ ଆପତ୍ତି କରିବାକୁ ବାଛି ନାହାନ୍ତି । ଏହା କେବଳ ଉତ୍ତରଦାତା 3 ଏବଂ 4 ଆବେଦନ କରିଛନ୍ତି ଯେଉଁମାନେ ଏକ ମାର୍ଗରେ କାର୍ଯ୍ୟ କରୁଛନ୍ତି ଯାହା ଏଠାରେ ସମ୍ପୃକ୍ତ ମାର୍ଗକୁ ଆଂଶିକ ଭାବରେ ଅତିକ୍ରମ କରେ । ବିଶେଷ କରି, ଯେତେବେଳେ ଯୋଜନା (ଗୁଡ଼ିକ) ର ଏକ ନକଲ ଦାଖଲ କରାଯାଇ ନାହିଁ, ଆମେ ସେମାନଙ୍କ ଅନୁରୋଧରେ ଉକ୍ତ ଆପତ୍ତିଟିକୁ ଗ୍ରହଣ କରିବାକୁ ଆଗ୍ରହୀ ନୁହଁ । ଏହି ଦିଗ ପ୍ରାସଙ୍ଗିକ ହେବ ଯଦି ଏବଂ ଯେତେବେଳେ ରାଜ୍ୟ ପରିବହନ ଉପକ୍ରମ ଆବେଦନକାରୀଙ୍କୁ ଅନୁମତି ପ୍ରଦାନ କରିବାକୁ

ଆପତ୍ତି କରେ ଏବଂ ଉକ୍ତ ଆପତ୍ତି ସମର୍ଥନରେ ନ୍ୟାୟାଳୟରେ ଅନୁମୋଦିତ ଯୋଜନା କିମ୍ବା ଡ୍ରାଫ୍ଟ ଯୋଜନା, ଉପସ୍ଥାପିତ କରାଯାଏ ।  ବର୍ତ୍ତମାନର ତଥ୍ୟ ସ୍ଥିତିରେ, ଆମେ ଉକ୍ତ ପ୍ରଶ୍ନ ଭିତରକୁ ଯିବାକୁ ଅଗ୍ରାହ୍ୟ କରୁଛୁ ।

ଉପରୋକ୍ତ କାରଣଗୁଡିକ ପାଇଁ, ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଏଠାରେ ବିବାଦୀୟ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର ରାୟ ଏବଂ ଆଦେଶ ବାତିଲ କରାଯାଇଛି । ଆବେଦନକାରୀଙ୍କ ଅନୁମତି ବାତିଲ କରିବା ଲାଗି 19, ଡିସେମ୍ବର, 1991ରେ ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷଙ୍କ ଆଦେଶକୁ ମଧ୍ୟ ଖାରଜ କରିଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏହି ଆଦେଶ ରାଜ୍ୟ ପରିବହନ ଉପକ୍ରମ କିମ୍ବା ଉତ୍ତର ପ୍ରଦେଶ ରାଜ୍ୟକୁ ଯଦି ଏପରି ପରାମର୍ଶ ଦିଆଯାଏ ତେବେ ଆଇନ ଅନୁଯାୟୀ ଆବେଦନକାରୀଙ୍କୁ ଅନୁମତି ଆଦେଶ ଉପରେ ପ୍ରଶ୍ନ ଉଠାଇବାକୁ ବାରଣ କରେ ନାହିଁ ।

ଏ.ଜି                              ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।